# କେନ୍ଦୁଝର: ରଜ ପର୍ବ ପାଳନ ଅବସରରେ କରୋନା ଭାଇରସ୍ ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳଙ୍କ ନିବେଦନ

କେନ୍ଦୁଝର, ତା ୧୦/୬: ମହାମାରୀ କରୋନା ଭାଇରସ୍ (କୋଭିଡ୍- ୧୯) ସଂକ୍ରମଣର ଗମ୍ଭୀରତା ପରୀପ୍ରେକ୍ଷୀରେ  ଏବଂ ଚଳିତ ବର୍ଷ ରଜ ପର୍ବ ପାଳନ ଅବସରରେ ଏହାର ସଂକ୍ରମଣକୁ ପ୍ରତିହତ କରିବା ପାଇଁ କେନ୍ଦୁଝର ଜିଲ୍ଲାବାସୀ ସତର୍କ ରହି ସକ୍ରିୟ ସହଯୋଗ କରିବାକୁ ଜିଲ୍ଲାପାଳ ଆଶିଷ ଠାକରେ ନିବେଦନ କରିଛନ୍ତି । ଦେଶର ବିଭିନ୍ନ ରାଜ୍ୟରୁ ଏବଂ ବିଦେଶରୁ ପ୍ରବାସୀମାନଙ୍କର ଘର ବାହୁଡ଼ା ହେଉଥିବାରୁ କରୋନା ଭାଇରସ୍ ସଂକ୍ରମଣର ଆଶଙ୍କା ରହିଛି । ରଜ ପର୍ବ ଜିଲ୍ଲାର ଗଣପର୍ବ ହୋଇଥିବାରୁ ଜନଗହଳି ହେଲେ କରୋନା ଭାଇରସ୍ ସଂକ୍ରମଣର ଆଶଙ୍କା ରହିଛି । ଏଣୁ ଜିଲ୍ଲାର ସମସ୍ତ ବର୍ଗର ଜନସାଧାରଣ ସଂକ୍ରମଣକୁ ଏଡ଼ାଇବା ନିମନ୍ତେ ଆଗେଇ ଆସିବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି । ଚଳିତ ଜୁନ୍ ୧୦ ତାରିଖ ବୁଧବାର ଦିନ ପୂର୍ବାହ୍ନରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରି ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ଏହି ବୈଠକରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ପିଡି ଡିଆର୍‌ଡିଏ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସନ୍ତୋଷ କୁମାର ନାୟକ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କୋଭିଡ୍ -୧୯ର ସଂକ୍ରମଣ ତଥା ପ୍ରବାସୀଙ୍କ ଘର ବାହୁଡ଼ା ଦୃଷ୍ଟିରୁ କୋଭିଡ୍ ସଂକ୍ରମଣ ଆଶଙ୍କାକୁ ଏଡ଼ାଇବା ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ସର୍ବସମ୍ମତ ମତପ୍ରକାଶ ପାଇଥିଲା । କୋଭିଡ୍ ସଂକ୍ରମଣ ଏଡ଼ାଇବା ନିମନ୍ତେ ସରକାର ଏବଂ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀର କଡ଼ାକଡ଼ି ଅନୁପାଳନ ଉପରେ ଗୁରୁତ୍ୱାରୋପ  କରାଯାଇଥିଲା । ଏହାକୁ ଭିତି କରି ଚଳିତ ବର୍ଷ ରଜ ପର୍ବ ପାଳନ ଅବସରରେ ଜନଗହଳି ଏଡ଼ାଇବା ପାଇଁ ରଜ ଉତ୍ସବ, ରଜ ମହୋତ୍ସବ, ପାରମ୍ପରିକ ରଜ ବାହାଘର, ଦୋଳିଖେଳ ଏବଂ ଅନ୍ୟାନ୍ୟ ଖେଳକୁଦକୁ ବାରଣ କରାଯାଇଛି । ଏହି ସମୟ ମଧ୍ୟରେ ଧାର୍ମିକ ପୀଠସ୍ଥଳୀ ମାନଙ୍କରେ ପୂଜାର୍ଚ୍ଚନା ମଧ୍ୟ ବାରଣ କରାଯାଇଛି । ସମସ୍ତେ ଘରେ

ରହି ରଜ ପର୍ବ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି । ରଜ ପର୍ବର ପ୍ରସ୍ତୁତି ପାଇଁ ହାଟ କିମ୍ବା ଦୋକାନ ବଜାରରୁ ଜିନିଷ କିଣାକିଣି ବେଳେ ଗହଳି ନ କରି ସାମାଜିକ ଦୂରତ୍ୱ ବଜାୟ ରଖି ଜିନିଷ କିଣାକିଣି କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଛି । ଲୁଗା ପଟା ଓ ଡ୍ରେସ୍ ଦୋକାନ, ଷ୍ଟେସ୍‌ନାରୀ ଦୋକାନ ସକାଳ ୭ ଘଟିକାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ । ଅନ୍ୟାନ୍ୟ ଦୋକାନ ବଜାର ସକାଳ ୭ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ । ଏତଦ୍‌ବ୍ୟତୀତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ ଏବଂ ଔଷଧ ଦୋକାନ ପୂର୍ବ ନିର୍ଦ୍ଦେଶାବଳୀ ଅନୁସାରେ ଖୋଲା ରହିବ । ରଜ ପର୍ବ ପରୀପେକ୍ଷୀରେ ଏହି ନିର୍ଦ୍ଦେଶାବଳୀ ଚଳିତ ଜୁନ୍ ମାସ ୧୧ ତାରିଖରୁ ଜୁନ୍ ୧୬ ତାରିଖ ପର୍ଯ୍ୟନ୍ତ ବଳବତର ରହିବ । ସମସ୍ତ ପ୍ରକାର ସାମାଜିକ, ଧାର୍ମିକ, ସାଂସ୍କୃତିକ ଉତ୍ସବ ଏବଂ କ୍ରୀଡ଼ା ସମାରୋହକୁ ବାରଣ କରାଯାଇଛି । ପ୍ରତିଟି କ୍ଷେତ୍ରରେ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ସହିତ ବାହାରକୁ ଯିବା ବେଳେ ମୁହଁରେ ମାସ୍କ ପିନ୍ଧିବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । ଉପରୋକ୍ତ ନିର୍ଦ୍ଦେଶାବଳୀର ଉଲଂଘନ କଲେ ଉଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି ।ପରେପରେ ଜିଲ୍ଲାପାଳ ଶ୍ରୀ ଠାକରେଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଚୂଡାନ୍ତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା ।

ରଜ ପର୍ବ ଅବସରରେ କରୋନା ଭାଇରସ୍ ସଂକ୍ରମଣର ପ୍ରତିରୋଧ ନିମନ୍ତେ ତୃଣମୂଳସ୍ତରରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଜୁନ୍ ୧୧ ତାରିଖରେ ଜିଲ୍ଲାପାଳ ଶ୍ରୀ ଠାକରେ ଜିଲ୍ଲାର ସମସ୍ତ ସରପଂଚମାନଙ୍କ ସହିତ ଭିଡିଓ କନ୍‌ଫରେନସିଂ ଜରିଆରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

(signature) ୧୦।୦୬।୨୦୨୦

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,କେନ୍ଦୁଝର